بِسۡمِ اللّٰہِ الرَّحۡمٰنِ الرَّحِیۡمِ

୮ ଅଗଷ୍ଟ ୨୦୨୫ ଖୁତ୍‌ବା ଜୁମାର ସାରାଂଶ

ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ପବିତ୍ର ମକ୍କା ସହର ବିଜୟର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ବ୍ରିଟେନ୍‌ର ବାର୍ଷିକ ଧର୍ମ ସମ୍ମିଳନୀ ପୂର୍ବରୁ ମକ୍କା ବିଜୟ ଘଟଣାର ଚର୍ଚ୍ଚା ଚାଲିଥିଲା । ସେହି ବର୍ଣ୍ଣନାକ୍ରମରେ ମୁଁ ମୁସଲମାନମାନଙ୍କ ଘୋର ଶତ୍ରୁମାନଙ୍କର ଇସଲାମ ଧର୍ମରେ ଦୀକ୍ଷିତ ହେବାର ବର୍ଣ୍ଣନା କରିଥିଲି । ସେଥି ମଧ୍ୟରେ ଆଉ କିଛି କଥନ ବାକି ରହିଛି । ଯେପରିକି ୱହ୍‌ଶି ବିନ୍ ହରବ୍ ଯେ କି ୱହଦ୍ ଯୁଦ୍ଧରେ ହଜରତ ହମ୍‌ଜା ର.ଅଙ୍କୁ ଶହିଦ୍ କରିଥିଲା ଓ ଯେତେବେଳେ ମୁସଲମାନମାନେ ମକ୍କା ଜୟ କରିନେଲେ ସେତେବେଳେ ସେ ତାଇଫ୍ ଅଭିମୁଖେ ପଳାୟନ କରିଥିଲା, ଆଉ ଯେବେ ତାଇଫ୍‌ବାସୀ ଇସଲାମ ଧର୍ମ ଗ୍ରହଣ କରିନେଲେ ତେବେ ସେ (ମକ୍କା) ଫେରି ଆସିଲା ଓ ମୁସଲମାନ ହୋଇଗଲା । ତାହାର ଇସଲାମ ଧର୍ମ ସ୍ୱୀକାର କରିବାରେ ନବୀଶ୍ରେଷ୍ଠ ତାହାକୁ ପଚାରିଲେ, କ'ଣ ତୁମ ପାଇଁ ସମ୍ଭବ ଯେ, ତୁମେ ମୋ ସମ୍ମୁଖକୁ ଆସିବାରୁ ବିରତ ରହିପାରିବ । ପୁନଶ୍ଚ ହୁଜୁର ସ.ଅଙ୍କ ଦେହାବସାନ ପରେ ଯେତେବେଳେ ମୁସେଲ୍ଲମା କଜ୍ଜାବ୍ ବିଦ୍ରୋହ କରିଦେଲା ସେତେବେଳେ ୱହ୍‌ଶି ଏହା ଚିନ୍ତା ପୋଷଣ କରିଥିଲା ଯେ, ସମ୍ଭବତଃ ମୁସେଲ୍ଲମା ବିରୋଧରେ ସଂଘର୍ଷରେ ସାମିଲ ହୋଇ ମୋ ମଥାରେ ଲାଗିଥିବା ହମ୍‌ଜା ର.ଅଙ୍କ ରକ୍ତର କଳଙ୍କ ଦୂର ହୋଇପାରିବ । ତେବେ ସେହି ୱହ୍‌ଶି ନିଜ ବର୍ଚ୍ଛାରେ ଆକ୍ରମଣ କରି ମୁସେଲ୍ଲମାର ବଧ କରିଥିଲେ ।

ଏହିପରି ଉମରୋ ବିନ୍ ହାଶିମ୍‌ର କ୍ରୀତଦାସୀ ସାରା ମଧ୍ୟ ଥିଲା ଯେ କି ଜଣେ ଗାୟିକା ଥିଲା । ମୁସଲମାନମାନେ ମକ୍କା ଜୟ କରିବା ପୂର୍ବରୁ ସେ ମହାଭାଗଙ୍କ ନିକଟରେ ନିବେଦନ କଲା, ଏଥିରେ ମହାଭାଗ ପଚାରିଲେ ତୁମ ଗୀତଗୁଡ଼ିକ କ'ଣ ହେଲା ? ସେ ଉତ୍ତର ଦେଲା ବଦର ଯୁଦ୍ଧରେ ମକ୍କାର ସରଦାରମାନଙ୍କ ନିହତ ହେବା ପରେ ମକ୍କାବାସୀ ଗୀତ ଶୁଣିବା ବନ୍ଦ କରି ଦେଇଛନ୍ତି । ତା'ପରେ ତାହାକୁ ଏକ ଓଟରେ ଖାଦ୍ୟଶସ୍ୟ ଲଦି (ଉପହାର ସ୍ୱରୂପ) ପ୍ରଦାନ କରାଗଲା । ତଥାପି ସେ ଇସଲାମ ବିରୁଦ୍ଧରେ ଗୀତ ଗାଇବାରୁ ନିବୃତ୍ତ ରହି ନଥିଲା । ଏ ସେହି ମହିଳା ଥିଲା, ଯାହା ନିକଟରୁ ସାହାବା ହଜରତ ହାତିବ୍‌ଙ୍କର ପତ୍ର ସଂଗ୍ରହ କରିଥିଲେ । ଶେଷରେ ସେ ଇସଲାମ ଧର୍ମ ଗ୍ରହଣ କରିଥିଲା ଓ ହଜରତ ଉମର ର.ଅଙ୍କ ଖିଲାଫତ୍ କାଳ ପର୍ଯ୍ୟନ୍ତ ଜୀବିତ ରହିଥିଲା ।

ଏହିପରି ଇବ୍‌ନେ ଖତଲ୍‌ଙ୍କର ଜଣେ କ୍ରୀତଦାସୀ ଫରତନା ଥିଲା । ସେ ମଧ୍ୟ ହୁଜୁର ସ.ଅଙ୍କ ବିରୁଦ୍ଧରେ ନିନ୍ଦନୀୟ କବିତା ଗାଉଥିଲା । ପରିଶେଷରେ ସେ ବି ଇସଲାମ ଧର୍ମ ସ୍ୱୀକାର କରି ନେଇଥିଲା । ହାରିସ୍ ବିନ୍ ହିଶାମ ମକ୍କାର ସଭିଙ୍କର ପ୍ରିୟ ସରଦାର ଥିଲା, ସେ ଅବୁ ଜହଲ୍‌ର ପିତା ଆଡୁ ଭାଇ ଥିଲା ଓ ହଜରତ ଖାଲିଦ୍ ର.ଅଙ୍କ ଭଗିନୀ ତାହାର ପତ୍ନୀ ଥିଲେ । ମକ୍କା ଜୟ କରିବା ଅବସରରେ ସେ ଓ ଅବ୍ଦୁଲ୍ଲାଃ ବିନ୍ ଅବି ରବିଆ ହଜରତ ଉମ୍ମେ ହାନୀ ର.ଅଙ୍କ ଘରେ ପ୍ରବେଶ କରିଗଲେ । ହଜରତ ଉମ୍ମେ ହାନୀର.ଅ ହୁଜୁର ସ.ଅଙ୍କୁ କହିଲେ; ତାଙ୍କୁ ମୁଁ ଶରଣ

ଦେଇଛି । ଏଥିରେ ମହାଭାଗ କହିଲେ; ଯାହାକୁ ତୁମେ ଶରଣ ଦେଲ ତାହାକୁ ଆମେ ମଧ୍ୟ ଶରଣ ଦେଲୁ । କିଛିଦିନ ପରେ ସେ ପୁଣ୍ୟଶ୍ଳୋକଙ୍କ ସେବାରେ ଉପସ୍ଥିତ ହେଲେ ଓ କଲମା ଶାହାଦତ୍ ପାଠ କଲେ ଅର୍ଥାତ୍ ସାକ୍ଷ୍ୟ ଦେଲେ । ଏଥିରେ ହୁଜୁର[ସ.ଅ] କହିଲେ; ସକଳ ପ୍ରଶଂସା ଅଲ୍ଲାଃଙ୍କ ସକାଶେ ଉଦ୍ଦିଷ୍ଟ । **ହାରିସ୍ ! ତୁମ ପରି ବ୍ୟକ୍ତି ଇସଲାମ ଠାରୁ ଦୂରରେ ବା କିପରି ରହିପାରିଥାନ୍ତା ।** ସେ ଉତ୍ତର ଦେଲେ ଅଲ୍ଲାଃଙ୍କ ରାଣ ! ଇସଲାମ ଠାରୁ ଦୂରେଇ ରହିବା ମୋ ପକ୍ଷେ ସମ୍ଭବ ନଥିଲା ।

ସେହିପରି ସୋହେଲ୍ ବିନ୍ ଅମର୍ [ର.ଅ]ଙ୍କର ଇସଲାମ ଧର୍ମ ଗ୍ରହଣ କରିବାର ବର୍ଣ୍ଣନା ଉଲ୍ଲେଖ ରହିଛି । ସେ ହୁଦେବିୟାର ସନ୍ଧି କରିବା ସକାଶେ କୁରୈଶ ପକ୍ଷରୁ (ପ୍ରତିନିଧି ହୋଇ) ଆସିଥିଲେ । ସେ ନିଜେ କୁହନ୍ତି; ମୁସଲମାନମାନେ ମକ୍କା ଜୟ କରିବା ପରେ ଯେତେବେଳେ ମହାଭାଗ ନିଜର ଆଧିପତ୍ୟ ବିସ୍ତାର କଲେ ସେତେବେଳେ ମୁଁ ଆତ୍ମଗୋପନ କରିନେଲି । ଏବଂ ନିଜ ପୁତ୍ରକୁ ମହାଭାଗଙ୍କ ନିକଟକୁ ପ୍ରେରଣ କଲି ଯଦ୍ଦ୍ୱାରା ସେ ମୋ ସକାଶେ ସୁରକ୍ଷା ତଲବ କରିବ । ବସ୍ତୁତଃ ପୁଣ୍ୟଶ୍ଳୋକ ତାଙ୍କୁ ସୁରକ୍ଷା ପ୍ରଦାନ କରିଦେଲେ ଓ କହିଲେ; ସୋହେଲ୍ ପରି ବୁଦ୍ଧିମାନ ଓ ବିଶିଷ୍ଟ ଲୋକ ଇସଲାମରୁ ଅଧିକ ଦିନ ଦୂରେଇ ରହିପାରିବ ନାହିଁ । ଯେତେବେଳେ ତାଙ୍କୁ ଏହି ସୂଚନା ମିଳିଲା ସେ କହିଲେ; ନବୀଶ୍ରେଷ୍ଠ ନିଜ ବାଲ୍ୟକାଳରେ ମଧ୍ୟ ପରୋପକାରୀ ବ୍ୟକ୍ତି ଥିଲେ ଏବଂ ଏବେ ମଧ୍ୟ ସେହିପରି ଅଛନ୍ତି । ତେବେ ହୁନେନ୍ ଯୁଦ୍ଧରେ ସେ ସାମିଲ ହେଲେ ଏବଂ ସେଠାରୁ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଇସଲାମ ଧର୍ମର ଦୀକ୍ଷା ନେଲେ । ଉଲ୍ଲେଖ ରହିଛି, ମକ୍କା ବିଜୟ ଅବସରରେ କୁରୈଶର ସରଦାରମାନଙ୍କ ମଧ୍ୟରୁ ଇସଲାମ ଧର୍ମ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ସୋହେଲ୍ ସର୍ବାଧିକ ନମାଜ ପାଠକାରୀ ଓ ଦାନଧର୍ମ କରୁଥିବା ବ୍ୟକ୍ତି ଥିଲେ । **ଆଉ ସେ ଅତ୍ୟଧିକ ଆତୁରତାର ସହିତ ରୋଦନ କରି କୁରଆନ ପାଠ କରୁଥିଲେ ।**

ସୋହେଲ ବିନ୍ ଉମ୍‌ରୋଙ୍କର ଅନ୍ୟ ଏକ ମହତ କାର୍ଯ୍ୟ ଏହା ବର୍ଣ୍ଣନା କରାଯାଏ ଯେ, ସୋହେଲ୍ କୁରୈଶର ଜଣେ ତୁଙ୍ଗ ବକ୍ତା ଥିଲେ । ସେ ବଦର୍ ଯୁଦ୍ଧ ସମୟରେ ଅମାନ୍ୟକାରୀ ଥିବା ଅବସ୍ଥାରେ ମୁସଲମାନମାନଙ୍କ ହସ୍ତରେ କଏଦ ହୋଇଥିଲେ । ସେ ନିଜ ଓଠରେ ଚିହ୍ନ ଆଙ୍କି ଦେଇଥିଲେ । ସେତେବେଳେ ହଜରତ ଉମର[ର.ଅ] ହୁଜୁର [ସ.ଅ]ଙ୍କୁ ପରାମର୍ଶ ଦେଇଥିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ ! ଏହାର ସମ୍ମୁଖର ଦୁଇ ଦାନ୍ତକୁ ଭାଙ୍ଗି ଦିଅନ୍ତୁ, ଯେଉଁଠି ସେ ଚିତ୍ର ଆଙ୍କିଛି । ଯଦ୍ଦ୍ୱାରା ସେ କଦାପି ଆପଣ [ସ.ଅ]ଙ୍କ ବିରୁଦ୍ଧରେ ଭାଷଣ ଦେବାକୁ ଛିଡ଼ା ହୋଇପାରିବ ନାହିଁ । କାରଣ ଯେତେବେଳେ ମୁଖରେ ଦାନ୍ତ ରହିବ ନାହିଁ ସେତେବେଳେ ସଠିକ୍ ଭାବରେ କଥା ମଧ୍ୟ କହିପାରିବ ନାହିଁ । ଏଥିରେ ନବୀଶ୍ରେଷ୍ଠ କହିଲେ; ହେ ଉମର୍ ! ତାହାକୁ ଛାଡ଼ିଦିଅ ଅବଶ୍ୟାମ୍ଭାବି ଯେ, ସେ ଏପରି ସ୍ଥଳେ ଦଣ୍ଡାୟମାନ ହୋଇଯିବ, ଯେଉଁଥିପାଇଁ ତୁମେ ତା'ର ପ୍ରଶଂସା କରିବ । ଦେଖ ହଜରତ ଉମର[ର.ଅ] ତାହାକୁ ଦଣ୍ଡାଦେଶ ଜାରି କରିବା ସକାଶେ ପରାମର୍ଶ ଦେବାକୁ ଚାହୁଁଥିଲେ । ତେବେ ସେ କୁହନ୍ତି; ଏକଦା ଏପରି ସମୟ ଆସିଲା ଅର୍ଥାତ୍ ଯେତେବେଳେ ହୁଜୁର [ସ.ଅ]ଙ୍କ ଦେହାନ୍ତ ଘଟିଲା ସେତେବେଳେ ମକ୍କାବାସୀ ଅଧୈର୍ଯ୍ୟ ଓ ଅଶାନ୍ତ ହୋଇ ପଡିଲେ । ଯେବେ ସେ କୁରୈଶ ମକ୍କାବାସୀଙ୍କୁ ବିପଥଗାମୀ ହେବାକୁ ଯାଉଥିବାର ଦେଖିଲେ ଓ ହଜରତ ଅତାବ ବିନ୍ ଉସେଦ୍ ଅମଓ୍ୱି[ର.ଅ] ଯେ ହଜରତ ମୁହମ୍ମଦ [ସ.ଅ]ଙ୍କ ଦ୍ୱାରା ମକ୍କାବାସୀଙ୍କର ଅମିର ମୁତୟନ ଥିଲେ, ସେ ଆତ୍ମଗୋପନ କରିନେଲେ । ଏପରି ସଙ୍କଟାପର୍ଣ୍ଣ ପରିସ୍ଥିତିରେ ହଜରତ ସୋହେଲ ବିନ୍ ଉମରୋ ଭାଷଣ ଦେବା ପାଇଁ ଛିଡ଼ା ହେଲେ ଓ କହିଲେ; ହେ କୁରୈଶ ଦଳ ! ତୁମେ ଶେଷରେ ଇସଲାମ ଧର୍ମ ଗ୍ରହଣ କଲ । ଆଉ ଏବେ ସର୍ବପ୍ରଥମେ ଏଥିରୁ ବିମୁଖତା ଅବଲମ୍ବନ କରିବାକୁ ବାହାରିଛ, ଏପରି କଦାପି ହେବ ନାହିଁ । ଅଲ୍ଲାଃଙ୍କ ରାଣ ! ଏହି ଧର୍ମ ସେହିପରି ପରିବ୍ୟାପ୍ତ ହେବ ଯେପରି ଚନ୍ଦ୍ର ଓ ସୂର୍ଯ୍ୟ ଉଦୟ ହେବାରୁ ଅସ୍ତଯିବା ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାନ୍ତି । ଏପରି ସୋହେଲ୍ ଏକ ସୁଦୀର୍ଘ ଭାଷଣ ଦେଲେ, **ଆଉ ତାହା**

**ମକ୍କାବାସୀଙ୍କୁ ପ୍ରଭାବିତ କଲା ଏବଂ ସେମାନେ ଧର୍ମ ପରିବର୍ତ୍ତନ କରିବାରୁ ବିରତ ରହିଲେ ।** ହଜରତ ଅତାବ୍ ବିନ୍ ଉସେଦ୍ ର.ଅ ଯେ ଆତ୍ମଗୋପନ କରିନେଇଥିଲେ, ତାଙ୍କୁ ମଧ୍ୟ ଡ଼କାଗଲା ଓ କୁରୈଶବାସୀ ଇସଲାମ ଧର୍ମରେ ପ୍ରତିଷ୍ଠିତ ରହିଲେ ।

ପୁନଶ୍ଚ ହଜରତ ଉତ୍‌ବା ଓ ମାତବ୍‌ଙ୍କର ଇସଲାମ ଧର୍ମରେ ଦୀକ୍ଷିତ ହେବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି, ହଜରତ ଅବ୍‌ବାସ ର.ଅ ବର୍ଣ୍ଣନା କରନ୍ତି, ମକ୍କା ବିଜୟ ଦିବସରେ ହଜରତ ମୁହମ୍ମଦ ସ.ଅ ଅବୁ ଲହବ୍‌ର ଦୁଇପୁତ୍ର ଉତ୍‌ବା ଓ ମା'ତବ୍‌ଙ୍କ ବିଷୟରେ ପଚାରିଲେ । ମୁଁ କହିଲି, ସେମାନେ ଅନ୍ୟ ଅବିଶ୍ୱାସକାରୀଙ୍କ ପରି ପୃଥକ ରହିଛନ୍ତି । ତେବେ ହୁଜୁର ସ.ଅଙ୍କ ନିର୍ଦ୍ଦେଶକ୍ରମେ ସେ ଦୁହିଁଙ୍କୁ ହଜରତ ଅବ୍‌ବାସ ର.ଅ ନେଇ ଆସିଲେ । ନବୀଶ୍ରେଷ୍ଠ ସେ ଦୁହିଁଙ୍କୁ ଇସଲାମ ଧର୍ମ ପ୍ରତି ଡ଼ାକରା ଦେଲେ, ଅତଃ ସେମାନେ ବୈଅତ୍ କରିନେଲେ । ପୁନଶ୍ଚ ମହାଭାଗ ଛିଡ଼ାହେଲେ ଓ ସେମାନଙ୍କ ହାତ ଧରି ତାଙ୍କୁ ମୁନତଜମ୍ ଅର୍ଥାତ୍ ହଜ୍‌ରେ ଅସଓ୍ୱଦ୍ ଓ କାବାର ଦ୍ୱାର ମଧ୍ୟବର୍ତ୍ତୀ ଖାନାକାବା'ର କାନ୍ଥ ନିକଟକୁ ଘେନି ନେଲେ । ଯାହାକୁ ପାଛୋଟି ଧରି ଦୁଆ କରିବା ସୁନ୍ନତ୍ (ଅନୁସୃତ ପନ୍ଥା) ଏବଂ ତାହା ଦୁଆ ସ୍ୱୀକାର ହେବାର ବିଶେଷ ସ୍ଥାନ । ସେଠାରେ ସେମାନେ କିଛିକ୍ଷଣ ପ୍ରାର୍ଥନା କରିବା ପରେ ସେଠାରୁ ଚାଲି ଆସିଲେ । ସେତେବେଳେ ମହାଭାଗଙ୍କ ପବିତ୍ର ମୁଖରୁ ଉଲ୍ଲାସ ଭାବ ସ୍ପଷ୍ଟ ପ୍ରତୀତ ହେଉଥିଲା । ତା'ପରେ ହଜରତ ଅବ୍‌ବାସ ର.ଅ କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଅଲ୍ଲାଃତାଲା ଆପଣଙ୍କୁ ସର୍ବଦା ଖୁସି ରଖନ୍ତୁ, ମୁଁ ଆପଣ ସ.ଅଙ୍କୁ ଆନନ୍ଦିତ ଦେଖୁଅଛି । ମହାଭାଗ ପୁନଶ୍ଚ କହିଲେ; ମୁଁ ନିଜ ଚଚାଙ୍କର ଏହି ଦୁଇ ପୁଅଙ୍କୁ ନିଜ ପାଳନକର୍ତ୍ତାଙ୍କୁ ମାଗି ଥିଲି, ଆଉ ସେ ମୋତେ ତାହା ଅନୁଗ୍ରହ ପୂର୍ବକ ପ୍ରଦାନ କରିଦେଲେ ।

ତା'ପରେ ସଫୱାନ୍ ବିନ୍ ଅମିୟାଙ୍କର ଇସଲାମ ଧର୍ମରେ ଦୀକ୍ଷିତ ହେବାର ବର୍ଣ୍ଣନା ଉଲ୍ଲେଖ ରହିଛି, ସଫୱାନ୍ ବିନ୍ ଉମିୟାଃ ମକ୍କାର ଦନାଢ୍ୟ ବ୍ୟକ୍ତି, ଉମିୟାଃ ବିନ୍ ଖଲଫ୍‌ଙ୍କର ପୁତ୍ର ଥିଲା । ବଦର୍ ଯୁଦ୍ଧ ପରେ ସେ ହଜରତ ମୁହମ୍ମଦ ସ.ଅଙ୍କୁ ହତ୍ୟା କରିବାର ଭୟଙ୍କର ଷଡଯନ୍ତ୍ର ରଚିଥିଲା । ମକ୍କା ବିଜୟ ଅବସରରେ ହଜରତ ଉମେର୍ ବିନ୍ ୱହବ୍ ର.ଅ ମହାଭାଗଙ୍କ ସେବାରେ ଉପସ୍ଥିତ ହୋଇ ତାଙ୍କୁ ସୁରକ୍ଷା ପ୍ରଦାନ କରିବାର ନିବେଦନ କରିଥିଲେ । ଆଉ ତାହାକୁ ମହାଭାଗ ସ୍ୱୀକୃତି ପ୍ରଦାନ କରିଦେଲେ । ସେଥିଅନ୍ତେ ସଫ୍‌ୱାନ ନବୀଶ୍ରେଷ୍ଠଙ୍କ ସେବାରେ ଉପସ୍ଥିତ ହେଲା ଏବଂ କହିଲା; ଏବେ ମୁଁ ଇସଲାମ ଧର୍ମ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନାହିଁ, ମୋତେ କିଛି ମୋହଲତ ଦିଅନ୍ତୁ । ଯେତେବେଳେ ହୁଜୁର ସ.ଅ ତାଇଫ୍ ଓ ହୁନେନ୍ ଯୁଦ୍ଧରୁ ଅର୍ଜିତ ଧନସମ୍ପଦ ବଣ୍ଟନ କଲେ ସେତେବେଳେ ସଫ୍‌ୱାନ ଘାଟିରେ ରହିଥିବା ବହୁଳ ସଂଖ୍ୟକ ଛେଳିମେଣ୍ଢା ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲା ଓ ଲୋଲୁପ ଦୃଷ୍ଟିରେ ଚାହିଁ ରହିଲା । ତାହାର ଏହି ଅବସ୍ଥା ଦେଖି ହୁଜୁର ସ.ଅ କହିଲେ; ଏହି ଘାଟି ଓ ତହିଁରେ ଯାହାକିଛି ଅଛି ସେସବୁ ତୁମର, ତାହାକୁ ତୁମେ ନେଇଯାଅ । ଅତଏବ ସଫ୍‌ୱାନ ସେସବୁ ନିଜ ଅଧୀନ କରିନେଲା ଓ କହିଲା; **ଯେଉଁ ଉତ୍ତମ ଢ଼ଙ୍ଗରେ ମହାଭାଗ ଦାନ କରୁଛନ୍ତି ତାହା କେହି ହେଲେ ମଧ କରିପାରିବେ ନାହିଁ ଏବଂ ସେହିସ୍ଥଳେ ସେ ଇସଲାମ ଧର୍ମ ଗ୍ରହଣ କରିନେଲା ।**

ମହାମହିମ ହୁଜୁର ଅନୱର ଅ.ବ କହିଲେ; ମକ୍କା ବିଜୟ ଅବସରରେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିବା ଏହି ଧନାଢ଼୍ୟଗଣଙ୍କ ମଧ୍ୟରୁ ଅଧିକାଂଶ ପରବର୍ତ୍ତୀ ସମୟରେ ନିଜ ଜୀବନରେ ଅଭୁତପୂର୍ବ ବିପ୍ଳବ ଆଣିଥିଲେ । ହଜରତ ମୁସଲେହ୍ ମଉଦ ର.ଅ ଏହାର ବ୍ୟାଖ୍ୟା କରି କୁହନ୍ତି, ଏକଦା ହଜରତ ଉମର ର.ଅ ନିଜ ଖିଲାଫତ୍ କାଳରେ ମକ୍କା ପ୍ରସ୍ଥାନ କଲେ ସେତେବେଳେ ସହରର ବଡ ବଡ ଧନବାନ ଲୋକ ନିଜ ମର୍ଯ୍ୟାଦା ଫେରି ପାଇବା ଉଦ୍ଦେଶ୍ୟରେ ତାଙ୍କୁ ସାକ୍ଷାତ କରିବାକୁ ଆସିଲେ । ସେମାନେ ପରସ୍ପର ମଧ୍ୟରେ କଥା ହେଉଥିଲେ ଯେ, ଇତିମଧ୍ୟରେ ସେହି ସଭାକୁ ଜଣକ ପରେ ଜଣେ ଇସଲାମର ପ୍ରାରମ୍ଭିକ ସମୟରେ ବିଶ୍ୱାସ ଆଣିଥିବା କ୍ରୀତଦାସମାନେ ଆସିଗଲେ । ସେତେବେଳେ ହଜରତ ଉମର ର.ଅ ସେହି କ୍ରୀତଦାସମାନଙ୍କୁ ସ୍ଥାନ ଦେଇ ଉକ୍ତ

ଧନବାନମାନଙ୍କୁ ପଛକୁ ଘୁଞ୍ଚି ଯିବାକୁ କହିଲେ । ଏପରିକି ସେମାନେ ପଛକୁ ଘୁଞ୍ଚି ଘୁଞ୍ଚି ଶେଷରେ ତାଙ୍କୁ ଜୋତା ଉପରେ ବସିବାକୁ ପଡିଲା । ଏହାକୁ ସେମାନେ ଆଉ ସହ୍ୟ ନକରିପାରି ସେଠାରୁ ଉଠି ଚାଲି ଆସିଲେ । ବାହାରକୁ ଯାଇ ସେମାନେ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ କରିବା ଆରମ୍ଭ କଲେ, ଯେ ଆଜି ଆମକୁ କିପରି ଅନାଦର ଓ ତିରସ୍କାର ସହ୍ୟ କରିବାକୁ ପଡିଲା । ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ କହିଲା; ତେବେ ଏଥିରେ ହଜରତ ଉମର [ର.ଅ]ଙ୍କର କ'ଣ ବା ଦୋଷ ? ଏହା ତ ଆମ ବାପଅଜାଙ୍କ କଳାକର୍ମର ଫଳ, ଯାହା ଆମକୁ ଆଜି ଭୋଗ କରିବାକୁ ପଡୁଅଛି । ଏହି କଥା ଶୁଣିବା ପରେ ସେମାନେ ପରସ୍ପରକୁ କହିଲେ; ତେବେ ଏହି ଅପମାନର କାଳିମାକୁ ଦୂର କରିବାର କୌଣସି ଉପାୟ ଅଛି କି ? ତହୁଁ ସେମାନେ ଆପୋସରେ ପରାମର୍ଶ କଲେ ଓ ହଜରତ ଉମର [ର.ଅ]ଙ୍କ ନିକଟରେ ଉପସ୍ଥିତ ହେଲେ । ଆଉ ଯେତେବେଳେ ସେମାନେ ନିଜ ସମସ୍ୟା ରଖିଲେ, ସେତେବେଳେ ହଜରତ ଉମର[ର.ଅ] ମଧ୍ୟ ଏପରି ଭାବବିହ୍ୱୋଳ ହୋଇ ପଡିଲେ ଯେ ତାଙ୍କୁ କିଛି କହି ପାରିଲେ ନାହିଁ, କେବଳ ନିଜ ହସ୍ତ ଉଠାଇ ଓ ଉତ୍ତର ଦିଗକୁ ଇଙ୍ଗିତ କଲେ ଯାହାର ତାତ୍ପର୍ଯ୍ୟ ଏହା ଥିଲା ଯେ, ମକ୍କାର ଉତ୍ତର ଦିଗରେ ଅର୍ଥାତ୍ ସିରିୟା ଦେଶରେ ମୁସଲମାନ ସେନା ଯୁଦ୍ଧ ଲଢୁଅଛି । ଯଦି ତୁମେ ସେଥିରେ ସାମିଲ ହୋଇଯାଅ ତେବେ ସମ୍ଭବତଃ ତୁମର ପ୍ରାୟଶ୍ଚିତ ହୋଇଯିବ । ସୁତରାଂ ସେମାନେ ସେଠାରୁ ଉଠିଲେ ଓ ଖୁବ୍ ଶୀଘ୍ର ସେହି ଯୁଦ୍ଧରେ ସାମିଲ ହେବା ପାଇଁ ଚାଲିଗଲେ । ଇତିହାସରେ ଉଲ୍ଲେଖ ରହିଛି ଯେ, ସେହି ପ୍ରତିପତ୍ତିଶାଳୀ ଯୁବକମାନଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ରଣକ୍ଷେତ୍ରରୁ ଜୀବିତ ଫେରି ନଥିଲେ, ବରଂ ସଭିଏଁ ଶହିଦ୍ ହୋଇଯାଇଥିଲେ । **ଏପରି ସେମାନେ ନିଜ ବଂଶରେ ଲାଗିଥିବା କାଳିମାକୁ ଦୂର କରିଦେଲେ ।**

ମକ୍କା ଜୟ କରିବା ପରେ ପୁଣ୍ୟଶ୍ଳୋକ ଅବିଶ୍ୱାସକାରୀଙ୍କ ପ୍ରତିମାଗୁଡ଼ିକର ସ୍ଥାନଗୁଡ଼ିକକୁ ଧୂଳିଶାତ କରିଦେବାକୁ ଆଦେଶ ଦେଲେ । ଯଦ୍ଦ୍ୱାରା ଲୋକମାନଙ୍କ ମନରୁ ଏହି ନକଲି ପ୍ରତିମାଗୁଡ଼ିକର ଭୟ ଅନ୍ତ ଘଟିବ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଥି ସଂକ୍ରାନ୍ତିୟ ଅଳ୍ପ କିଛି ଘଟଣାବଳୀ ରହିଛି ଯାହାକି ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ପରିଶେଷରେ ହୁଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକ ଶ୍ରୀମାନ ଚୌଧରୀ ଅବ୍ଦୁଲ୍ ଗଫୁର ସାହେବ ପିତା ଶ୍ରୀମାନ ଚୌଧରୀ ଗୁଲାମ କାଦିର୍ ସାହେବ ଜାମଶୋରୋ (ହାଇଦ୍ରାବାଦ) ନିବାସୀ ଓ ଶ୍ରୀମାନ ମୁହମ୍ମଦ ଅଲୀ ସାହେବ କର୍ତ୍ତାରପୁର (ଫୈସଲାବାଦ୍) ନିବାସୀଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଓ ସେମାନଙ୍କ କ୍ଷମାଯାଚନା ତଥା ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ । ନମାଜ ଜୁମା ପରେ ସେମାନଙ୍କର ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା ମଧ୍ୟ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମ୍‌ଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

8th August 2025

*Translated to Odia by :* Moulavi Anwar Ahmad Khan